To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

**ଆଇଟିବିପି ଯବାନଙ୍କ ସହ ନୂଆବର୍ଷ ପାଳନ କରିବେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ**



R.N.I. No.-42041/83 Vol-15, Issue No.180, ଭଦ୍ରକ, ଶନିବାର, ୩୦, ଡିସେମ୍ବର ୨୦୧୭ ■ Bhadrak, Saturday, 30 December 2017 Rs. 2.00 Pages-8

## କମଳା ମିଲ୍ସ କମ୍ପାଉଣ୍ଡ ଅଗ୍ନିକାଣ୍ଡ

# ଦେବଦୂତ ସାଜିଲେ ସିକ୍ୟୁରିଟି ଗାର୍ଡ



- ୧୪ ମୃତ, ୧୫ରୁ ଉର୍ଦ୍ଧ୍ୱ ଆହତ
- ନୀଳଗିରି ଯୁବକ ସର୍ବଜିତ୍‌ଙ୍କ ମୃତ୍ୟୁ
- ବଡ଼ପାଟପୁରରେ ଶୋକାକୁଳ ବାତାବରଣ
- ଅଗ୍ନିକାଣ୍ଡରେ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଶୋକ

ମୁମ୍ବାଇ, ୨୯।୧୨ : ଆଜି ମୁମ୍ବାଇସ୍ଥିତ କମଳା ମିଲ୍ସ ପରିସରରେ ନିଆଁ ଲାଗିବା ଯୋଗୁଁ ଅନ୍ୟ ଲୋକଙ୍କ ମୃତ୍ୟୁ ଘଟିଛି । କିନ୍ତୁ ଜଣେ ସିକ୍ୟୁରିଟିଗାର୍ଡଙ୍କ ସାହସିକ ପଦକ୍ଷେପ ଯୋଗୁଁ ପ୍ରାୟ ୨୫୦ ଜଣଙ୍କ ଜୀବନ ରକ୍ଷା ପାଇଯାଇଛି । ଏକ ଜାତୀୟ ଗଣମାଧ୍ୟମରେ ସିକ୍ୟୁରିଟଗାର୍ଡର ଭାବେ ନିଯୁକ୍ତ ପାଇଥିବା ମହେଶ ପାଣ୍ଡୁରାଙ୍ଗ ସାବଲେ ଦେବଦୂତ ସାଜି ସେମାନଙ୍କ ଜୀବନ ରକ୍ଷା କରିଛନ୍ତି । କମଳା ମିଲ୍ସ ପରିସରରେ ଦୁଇଟି ରେଷ୍ଟୁରାଣ୍ଟ ରହିଛି । ସେଥିରୁ ଗୋଟିଏ ରେଷ୍ଟୁରାଣ୍ଟରେ ନିଆଁ ଲାଗିଯାଇଥିଲା । ପ୍ରାୟ ୨୦୦ରୁ ୨୫୦ ଜଣ ଲୋକ ଅଟକି ରହିଥିଲେ । ସମଗ୍ର ରେଷ୍ଟୁରାଣ୍ଟଟି କଳା ଧୂଆଁରେ ଭର୍ତ୍ତି ହୋଇଯାଇଥିଲା । ଫଳରେ ଅଟକ ରହିଥିବା ଲୋକମାନେ ଅଣନିଶ୍ୱାସୀ ହୋଇଯାଇଥିଲେ । କିନ୍ତୁ ମହେଶ ନିଜ ଉପସ୍ଥିତ ବୁଦ୍ଧି ଖଟାଇ ଅନ୍ୟ ଜଣେ ସହଯୋଗୀ ସିକ୍ୟୁରିଟିଗାର୍ଡ ସୁରଜ ଗିରିଙ୍କ ସହ ମିଶି ରେଷ୍ଟୁରାଣ୍ଟର ଏକ କବାଟକୁ ଭାଙ୍ଗି ଦେଇଥିଲେ । ଫଳରେ ସେଥିରେ ଅଟକି ଥିବା ସମସ୍ତ ଲୋକ ବାହାକୁ ଚାଲିଆସିଥିଲେ । ତାଙ୍କର ଏହି ସାହସିକତା ପାଇଁ ଆଜି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି ।

ଭୁବନେଶ୍ୱର, ୨୯।୧୨ (ସକାଳ ଖବର): - ଗୁରୁବାର ରାତି ପ୍ରାୟ ସାଢ଼େ ୧୨ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। କମଳା ମିଲ୍ସ କମ୍ପାଉଣ୍ଡରେ ଥିବା ମୋଜୋ ବିଷ୍ଟ୍ରୋ ରେଷ୍ଟୁରାଂଟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୪ ଜଣ ପ୍ରାଣ ହରାଇଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିଲେ । ଏହି ହୋଟେଲରେ ସର୍ବଜିତ କାମ କରୁଥିଲେ। ସେ ଗତ ୬ ମାସ ହେଲା ଏହି ହୋଟେଲରେ କାମ କରୁଥିଲେ ବୋଲି ତାଙ୍କର କିଛି ସହକର୍ମୀ ସୂଚନା ଦେଇଛନ୍ତି। ତେବେ ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ଅଛନ୍ତି। ମୃତ ଓଡିଆ ଯୁବକ ହେଲେ ସର୍ବଜିତ ପରିଡ଼ା (୨୩)। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ବଡ଼ପାଟପୁର ଗ୍ରାମରେ। ଅଗ୍ନିକାଣ୍ଡ ପରେ ଶ୍ୱାସରୁଦ୍ଧ ହେବା ଯୋଗୁ ତାଙ୍କର ମୃତ୍ୟ ଘଟିଥିବା ଜଣାପଡିଛି । ଏନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଶବବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ମୁମ୍ବାଇର ଏକ ଡାକ୍ତରଖାନାରେ ରଖାଯାଇଛି। ସର୍ବଜିତ୍ ଉକ୍ତ ହୋଟେଲରେ ୱେଟର ଭାବେ କାମ କରୁଥିଲେ । ସର୍ବଜିତଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ଗାଁ ବଡ଼ପାଟପୁରରେ ଶୋକାକୂଳ ବାତାବରଣ ସୃଷ୍ଟି ହୋଇଛି। ଆଜି ରାତି ୧୨ଟା ସୁଦ୍ଧା ତାଙ୍କର ଶବ ଗାଁରେ ପହଂଚିବ ବୋଲି ତାଙ୍କର ନିକଟ ସମ୍ପର୍କୀୟଙ୍କ ଠାରୁ ସୂଚନା ମିଳିଛି। ମୁମ୍ବାଇର କମଳା ମିଲ୍ସ ଅଗ୍ନିକାଣ୍ଡରେ ୧୪ ଜଣ ପ୍ରାଣ ହରାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଶୋକ ପ୍ରକାଶ କରିଛନ୍ତି। ସେହିପରି ମୃତକଙ୍କ ମଧ୍ୟରେ **(ପୃଷ୍ଠା-୭)**

# ଚାପୁଡା ବଦଳରେ ଚାପୁଡା



ହିମାଚଳପ୍ରଦେଶ, ୨୯।୧୨ : ହିମାଚଳପ୍ରଦେଶର ଜଣେ କଂଗ୍ରେସ ବିଧାୟିକା ଆଶା କୁମାରୀ ଏବଂ ଜଣେ ମହିଳା କନେଷ୍ଟବଲଙ୍କ ମଧ୍ୟରେ ହାତାହାତି ହେବାର ଦୃଶ୍ୟ ଏକ ଜାତୀୟ ସମ୍ବାଦପତ୍ର ଏଜେନ୍ସି ଦ୍ୱାରା ଟୁଇଟରରେ ପ୍ରସାରିହୋଇଛି । ପରସ୍ପରକୁ ଚାପୁଡା ମାରୁଥିବାର ଏକ ଦୃଶ୍ୟ ଏହି ଭିଡିଓରେ ରହିଛି । ରାଜ୍ୟର କଂଗ୍ରେସ ପରାଜୟର ପର୍ଯ୍ୟାଲୋଚନା କରିବା ପାଇଁ ରହୁଲ ଗାନ୍ଧୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ସଭାରେ ଏହି ଘଟଣାଟି ଘଟିଛି । ଏହି ଦୃଶ୍ୟଟି ପ୍ରସାରିତ ହେବା ପରେ ରାଜ୍ୟର ଡେଲହାଉସି ବିଧାନସଭାରୁ ନିର୍ବାଚିତ ହୋଇଥିବା କଂଗ୍ରେସ ଦଳର ବିଧାୟିକା କୁମାରୀ ନିଜ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ସେ ଟୁଇଟର ମାଧ୍ୟମରେ କହିଛନ୍ତି ନିଜ ଦଳର ସଭାକୁ ଯିବାବେଳେ ସମ୍ପୃକ୍ତ ମହିଳା କନେଷ୍ଟବଲ ଜଣଙ୍କ ତାଙ୍କୁ ସେଠାକୁ ଛାଡିନ ଥିଲେ । ସେ ଏହାର ପ୍ରତିବାଦ କରିବାରୁ କନେଷ୍ଟବଲ ଜଣଙ୍କ ତାଙ୍କପ୍ରତି ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ । ଏହା ପରେ ସେ ରାଗରେ ପଦକ୍ଷେପ ନେଇଛନ୍ତି ବୋଲି ପ୍ରକାଶ କରିଛନ୍ତି ।

## ଜାନୁଆରୀ ପହିଲାରୁ ବନ୍ଦ ହେବ ଜୋରିମାନା ଦେଇ ନଥିବା ଖଣି

ଭୁବନେଶ୍ୱର, ୨୯।୧୨ (ସକାଳ ଖବର): ଆସନ୍ତା ଜାନୁଆରୀ ୧ ତାରିଖରୁ ଜୋରିମାନା ଦେଇ ନଥିବା ଖଣି ଗୁଡିକୁ ବନ୍ଦ କରାଯିବ ବୋଲି ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନୋଟିସ୍ ଜାରୀ ହୋଇଥିବା ଖଣି ଲିଜ୍ ଧାରୀ ମାନେ ଜୋରିମାନା ଅର୍ଥ ଦାଖଲ ନକଲେ ସେମାନଙ୍କ ଖଣି ଗୁଡିକୁ ବନ୍ଦ କରିଦିଆଯିବ । ଜୋରିମାନା ଆଦାୟ ପାଇଁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ୧୪୭ଟି ଖଣିରୁ ଜୋରିମାନା ଆଦାୟ କରିବାପାଇଁ ନୋଟିସ୍ ଜାରୀ କରାଯାଇଥିଲା। ସେଥିମଧ୍ୟରୁ ବର୍ତମାନ ୫୪ ଟି ଖଣି କାର୍ଯ୍ୟକ୍ଷମ ଅଛନ୍ତି । ଜୋରିମାନା ଆଦାୟ ନେଇ ଜାନୁଆରୀ ପହିଲାରେ ସୁପ୍ରିମ୍ କୋର୍ଟରେ ରିପୋର୍ଟ ଦାଖଲ କରାଯିବ । ଏହାପରେ ଜୋରିମାନା ଦେଇନଥିବା ଖଣି ଲିଜ୍ ଧାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସନ୍ତା ୧୭ ତାରିଖରେ ଶୁଣାଣି କରାଯିବ ବୋଲି ଖଣି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି ।

## ମୋଦିଙ୍କ 'ମନ୍ କି ବାତ୍' ଶୁଣିବେ ବିଜେପୁରବାସୀ : ବିଜେପି




ଭୁବନେଶ୍ୱର ୨୯।୧୨ (ସକାଳ ଖବର) : ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି ସିଂହଦେଓ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ବିଧାୟକ, ରାଜ୍ୟ ପଦାଧିକାରୀ ଓ ବିଭିନ୍ନ ମୋର୍ଚ୍ଚାର ପଦାଧିକାରୀମାନେ ବିଜେପୁରର ୨୭୦ ବୁଥ୍‌ରେ ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସାଧାରଣ ଜନତାଙ୍କ ସହ ଶୁଣିବେ । ଏଥି ସହ ବିଜେପି ପଦାଧିକାରୀମାନେ ରାଜ୍ୟସରକାରଙ୍କ ସ୍ଥାଣୁତା, ଅପରାଗତା ଓ ଭଷ୍ଟ୍ରାଚାର ନୀତି ଯୋଗୁଁ ବିଜେପୁରବାସୀ ଯେଉଁ ଭଳି ଭାବେ ପ୍ରତିଟି କ୍ଷେତ୍ରରେ ଅଣଦେଖାର ଶିକାର ହୋଇଛନ୍ତି ସେ ସମ୍ବନ୍ଧରେ ମଧ ଆଲୋଚନା କରିବେ । ଦୀର୍ଘ ୧୮ ବର୍ଷଧରି ରାଜ୍ୟରେ ନବୀନ ସରକାରଙ୍କ ଶାସନ ଚାଲିଥିବାବେଳେ ବିଜେପୁରବାସୀ କେତେ ଯୋଜନାର ଲାଭ ଉଠାଇଛନ୍ତି ଏବଂ କେତେ ପ୍ରତାରଣାର ଶିକାର ହୋଇଛନ୍ତି ସେ ନେଇ ମଧ ବିଜେପି ନେତୃବୃନ୍ଦ ଆଲୋଚନା କରିବେ । ଏହା ସହ ବିଜେପି **(ପୃଷ୍ଠା-୭)**

## ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯।୧୨ (ସକାଳ ଖବର): ରାଜ୍ୟ ସରକାର ଆଇପିଏସ୍ କ୍ୟାଡରରେ ପଦୋନ୍ନତି କରିଛନ୍ତି । ଏସମ୍ପର୍କରେ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ୨ ଜଣ ଆଇପିଏସ୍ ଅଧିକାରୀଙ୍କୁ ଡିଆଇଜି ର୍ୟାଙ୍କରୁ ଆଇଜି ର୍ୟାଙ୍କ୍ କୁ ପଦୋନ୍ନତି ଦିଆଯାଇଥିବା ବେଳେ ୪ ଜଣ ଅଧିକାରୀଙ୍କୁ ଏସ୍.ପି ରୁ ଡିଆଇଜି ର୍ୟାଙ୍କ୍ କୁ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପାଇଥିବା ଆଇଜି ମାନେ ହେଲେ ଯତୀନ୍ଦ୍ର କୋଏଲ ଓ ପ୍ରତୀକ ମହାନ୍ତି । ସେହିପରି ପଦୋନ୍ନତି ପାଇଥିବା ଏସପି ମାନେ ହେଲେ ଆଶିଷ କୁମାର ସିଂହ , ସତ୍ୟବ୍ରତ ଭୋଇ , ଡ. ଦୀପକ କୁମାର ଓ ନୀତିନ ଜିତ୍ ସିଂହା ଏମାନେ ସମସ୍ତେ ୨୦୦୪ ବ୍ୟାଚ୍ ର ଆଇପିଏସ୍ ଅଧିକାରୀ। ଏମାନଙ୍କ ମଧ୍ୟରୁ ଦୀପକ କୁମାର ଓ ନୀତିନଜିତ୍ ସିଂହ କେନ୍ଦ୍ରୀୟ ଡେପୁଟେସନ୍ ରେ ଅଛନ୍ତି । ସେମାନଙ୍କୁ ପ୍ରୋଫର୍ମା ପଦୋନ୍ନତି ଦିଆଯାଇଥିବା ଏହି ବିଜ୍ଞପ୍ତିରୁ ଜଣାଯାଇଛି। ଏହା ବ୍ୟତୀତ ୨୦୦୫ ବ୍ୟାଚ୍ ର ୨ଜଣ ଆଇପିଏସ୍ ଅଧିକାରୀ ସଂଜୀବ ଅରୋରା ଓ ଜୟନାରାୟଣ ପଙ୍କଜଙ୍କୁ **(ପୃଷ୍ଠା-୭)**

## ଏଣିକି ଅନ୍‌ଲାଇନ୍‌ରେ ମ୍ୟୁଟେସନ୍

ଭୁବନେଶ୍ୱର, ୨୯।୧୨ (ସକାଳ ଖବର): ଅନ୍‌ଲାଇନ୍ ମାଧ୍ୟମରେ ତହସିଲଗୁଡ଼ିକରେ ଦାଖଲଖାରଜ(ମ୍ୟୁଟେସନ୍) କାର୍ଯ୍ୟକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି ଶୁଭାରମ୍ଭ କରିଛନ୍ତି । ଅନ୍‌ଲାଇନ୍‌ରେ ଦାଖଲଖାରଜ ମାମଲାର ଫଇସଲା ତ୍ୱରାନ୍ୱିତ ହୋଇପାରିବା ସହ ଲୋକମାନେ ବହୁଳ ଭାବରେ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୩ଟି ମାର୍ଗଦର୍ଶନ ଅନୁସାରେ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ଲୋକମାନଙ୍କ ନିକଟତର ହେବା ସହିତ ବିଭିନ୍ନ ରାଜସ୍ୱ ସେବାକୁ ସେମାନଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଛନ୍ତି । ଶୁକ୍ରବାର ଦିନ ସଚିବାଳୟଠାରେ ଅନ୍‌ଲାଇନ୍ ମ୍ୟୁଟେସନ୍ ଓ ତହସିଲ ସଂପର୍କିତ ତଥ୍ୟ ପ୍ରଦାନ ନିମନ୍ତେ ପ୍ରତ୍ୟକ୍ଷ ୱେବ୍‌ଆଧାରିତ ବ୍ୟବସ୍ଥା-ଡ୍ରଇଷ୍ଟ(ଉସକ୍ସରମସ୍ସ ଡରଭ-ଭବସ୍ସରୟ ଓଭଲକ୍ସକ୍ସଙ୍କବସ୍ସସକ୍ସଭ ଝଛସ୍ସସ୍ସରଙ୍କ କ୍ସଲ ଞବଷବସ୍ସସକ୍ଷ ଉଡଓଝଞ)କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମହାନ୍ତି କହିଲେ ଯେ ଅନ୍‌ଲାଇନ୍‌ରେ ଦାଖଲଖାରଜ ମାମଲା ଫଇସଲା କରାଯିବା ଦ୍ୱାରା ଏହି କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ଆସିବ। **(ପୃଷ୍ଠା-୭)**

# ସ୍ମାର୍ଟ ହେବ ଥାନା

- ଜାନୁଆରୀ ପହିଲାରୁ ଥାନାରେ ଅନଲାଇନ୍ ଜରିଆରେ ଗ୍ରହଣ କରାଯିବ ଏଫଆଇଆର
- ତଦନ୍ତ ଅଧିକାରୀମାନେ ଲାପଟପ୍ ଓ ସ୍ମାର୍ଟଫୋନ୍ ବ୍ୟବହାର କରିବେ
- ୧୩ ଟି ଫିଚରକୁ ନେଇ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯିବ

ଭୁବନେଶ୍ୱର,୨୯।୧୨ (ସକାଳ ଖବର):- ଏଣିକି ଥାନାରେ ଇ-ସିଷ୍ଟମ୍ ଜରିଆରେ ଏଫଆଇଆର ଗ୍ରହଣ କରାଯିବ । ଜାନୁଆରୀ ପହିଲାରୁ ଥାନା ମାନଙ୍କରୁ ମାନୁଆଲ ରେଜିଷ୍ଟର ବ୍ୟବସ୍ଥା ଉଚ୍ଛେଦ କରାଯିବ ବୋଲି ପୋଲିସ୍ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରକାଶ କରିଛନ୍ତି । ଏପରିକି ଷ୍ଟେସନ ଡାଏରୀ ବି କମ୍ପ୍ୟୁଟର ଦ୍ୱାରା କରାଯିବାକୁ ଯୋଜନା କରାଯାଇଛି । ତଦନ୍ତ ଅଧିକାରୀମାନେ ଲାପଟପ୍ ଓ ସ୍ମାର୍ଟଫୋନ୍ ବ୍ୟବହାର କରିବେ। ଯାହାଦ୍ୱାରା ଅଧିକାରୀ ମାନେ ଯେତେବେଳ ଯେଉଁ ସ୍ଥାନରେ ରହି ମଧ୍ୟ ତଦନ୍ତ ପ୍ରକ୍ରିୟା କରିପାରିବେ ।

ଭୁବନେଶ୍ୱର କ୍ୟାମ୍ପ ଅଫିସ୍ ଠାରେ ପୋଲିସ୍ ଡିଜିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପରେ ମିଳିଥିବା ସୂଚନା ଅନୁଯାୟୀ ଜାନୁଆରୀ ପହିଲାରୁ ଥାନା ମାନଙ୍କରେ କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱର୍କ ଆଣ୍ଡ ସିଷ୍ଟମ୍ (ସିସିଟିଏନଏସ୍) ଲାଗୁ ହେବ । ଏହି ବ୍ୟବସ୍ଥାରେ ଇ-ସିଷ୍ଟମ୍ ଜରିଆରେ ପ୍ରତି ଥାନାରେ ଅଭିଯୋଗକାରୀଙ୍କ ଠାରୁ ଏଫଆଇଆର ଗ୍ରହଣ କରାଯିବା ମାନୁଆଲ




ରେଜିଷ୍ଟର ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଏହାର କମ୍ପ୍ୟୁଟରୀକରଣ କରାଯିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବର୍ତମାନ ରାଜ୍ୟରେ ୬୧୨ ଟି ଥାନା ରହିଥିବା ବେଳେ ସେଥିମଧ୍ୟରୁ ୫୮୯ଟି ଥାନାରେ ସିସିଟିଏନଏସ୍ ବ୍ୟବସ୍ଥା କରାଯିବ । ୧୩ ଟି ଲୋକାଭିମୁଖୀ କାର୍ଯ୍ୟକ୍ରମ ରାଜ୍ୟ ପୋଲିସ୍ ହାତକୁ ନେଇଛି । ଫଳରେ ସାଧାରଣ ଲୋକେ ଅନଲାଇନ୍ ମାଧ୍ୟମରେ ଏଫଆଇଆର ଦାଖଲ କରିପାରିବେ , ଏହାର କପି ପାଇପାରିବେ। ଏହି ଭଳି ୧୩ ଟି ଫିଚରକୁ ନେଇ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ ଲୋକାର୍ପଣ କରାଯିବାର ଯୋଜନା ରହିଛି।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୨୯.୧୨.୧୭)
୩,୭୩,୯୮୩




- ଡ୍ରାଇଭରମାନଙ୍କୁ ସୂଚାଇ ଦିଆଯାଉଛି କି ସେମାନେ ବୈଧ ଡ୍ରାଇଭିଂ ଲାଇସେନ୍ସ ଥାଇ ଗାଡି ଚଳାନ୍ତୁ ।
- ମଦ୍ୟପାନ କରି କିମ୍ବା ନିଶାଶକ୍ତ ହୋଇ ଗାଡି ଚଳାନ୍ତୁ ନାହିଁ ।
- ବସ୍‌ର ଛାତ, ଟ୍ରକ ଓ ଟ୍ରାକ୍ଟର ଡାଲା ଉପରେ ଯାତ୍ରୀ ବସାଇ ଗାଡ଼ିଚଳାନ୍ତୁ ନାହିଁ ।
- ଦୁଇ ଚକିଆ ଯାନର ଡ୍ରାଇଭର ଏବଂ ସେଇ ଗାଡିରେ ବସିଥିବା ବ୍ୟକ୍ତି ହେଲମେଟ ପିନ୍ଧିବା ଦରକାର
- ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ମନା ।
- ରାୟଗଡା ଜିଲ୍ଲାର ଗ୍ରାମାଞ୍ଚଳ କିମ୍ବା ବସ୍‌ସେବା ନଥିବା ଅଞ୍ଚଳରେ ବସ୍ ଚଳାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବିଜୁ ଗାଁ ଗାଡ଼ି ଯୋଜନାରେ ଗାଡ଼ି ଚଳାଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ରିହାତିର ସୁଯୋଗ ନିଅନ୍ତୁ ।
- ଦୁର୍ଘଟଣାରେ ଆହତଥିବା ବ୍ୟକ୍ତିଙ୍କୁ ଯଦି କୌଣସି ବ୍ୟକ୍ତି ଦୁର୍ଘଟଣାସ୍ଥଳରୁ ନେଇ ନିକଟସ୍ଥ ଚିକିତ୍ସାଳୟରେ ପହଞ୍ଚାଇ ଦେବେ ତାଙ୍କୁ ଆଇନର କୌଣସି ପ୍ରତିବନ୍ଧକ ଲାଗିବ ନାହିଁ, ବରଂ ତାଙ୍କୁ ଜିଲ୍ଲାପାଳ ଓ ରାୟଗଡା ଆଞ୍ଚଳିକ ପରିବହନ ପ୍ରାଧିକରଣ ରାୟଗଡ଼ା ତରଫରୁ ଆର୍ଥିକ ପୁରସ୍କାର ଦିଆଯିବ ।

ସୌଜନ୍ୟ
ଜିଲ୍ଲାପାଳ ରାୟଗଡା
ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡା

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**